Chapter- 8

# ଦୁଃଖୀଧନ ନୀଳମଣିରେ

## STUDY NOTES

**ବିଷୟର ସାରକଥା:-**

- ପୁଅ ପ୍ରତି ଥିବା ମା'ର ସ୍ନେହ ଏହି କବିତାରେ ବର୍ଣ୍ଣିତ।
- ଯଶୋଦାଙ୍କ ବାତ୍ସଲ୍ୟ ପ୍ରେମ ଏଠାରେ ସୁନ୍ଦର ଭାବେ ପ୍ରକାଶିତ ହୋଇଛି।
- ଧନୁ ଉତ୍ସବ ଦେଖିବାକୁ କୃଷ୍ଣ ବଳରାମଙ୍କ ମଥୁରା ଗମନ।
- ଏହି ଅବସରରେ ମାତା ଯଶୋଦାଙ୍କ କୋହଭରା ବିଳାପ ସାରା କବିତାକୁ କରୁଣ ରସସିକ୍ତ କରିଦେଇଛି।
- ଶ୍ରୀକୃଷ୍ଣ ମଥୁରାକୁ ଗଲେ ତାଙ୍କୁ ମାଆ ବୋଲି କିଏ ଡାକିବ ?
- ଗୋଧୂଳି ସମୟରେ ସେ କାହାକୁ ଚାହିଁ ରହିବେ ?
- ଦହି ମୁହାଁ ହେଲେ ଲବଣି କିଏ ମାଗି ଖାଇବ ?
- ଏହିଭଳି ଅନେକ ପ୍ରଶ୍ନ ମାତା ଯଶୋଦାଙ୍କ ମନରେ ଉଙ୍କି ମାରୁଛି।
- ଶ୍ରୀକୃଷ୍ଣ ହେଉଛନ୍ତି ତାଙ୍କ ଜୀବନ ସଦୃଶ।
- ତାଙ୍କୁ ଦଣ୍ଡେ ନ ଦେଖିଲେ ସେ ପାଗଳୀପ୍ରାୟ ହୋଇଯାଆନ୍ତି।
- ମଥୁରାକୁ ଶ୍ରୀକୃଷ୍ଣ ଗଲେ ସେ କାହା ମୁହଁ ଚାହିଁ ବଞ୍ଚିବେ ?
- ଭୟ, ଆଶଙ୍କା ତାଙ୍କ ମନରେ ବସା ବାନ୍ଧୁଛି।
- ଶ୍ରୀକୃଷ୍ଣଙ୍କ ବାଲ୍ୟସୁଲଭ ଗୁଣ ତାଙ୍କର ମନେ ପଡ଼ିଯାଉଛି।
- ଗାଈ ଦୁହିଁବା ବେଳେ ଶିକାଛନ୍ଦ କିଏ ନେଇଯିବ ?
- ସାଙ୍ଗମାନଙ୍କ ସହିତ କଳି କଲେ କିଏ କଇଁ କଇଁ ହୋଇ କାନ୍ଦିବ ?
- ଶ୍ରୀକୃଷ୍ଣଙ୍କ ପିଲାଦିନର କଥା ତାଙ୍କ ହୃଦୟକୁ ଉଦ୍‌ବେଳିତ କରୁଛି।
- ସ୍ନେହମୟୀ, ପ୍ରେମମୟୀ ମା' ପୁତ୍ର ବିଚ୍ଛେଦକୁ ସହ୍ୟ କରିପାରୁ ନାହାନ୍ତି।
- ଶେଷରେ ମା' ଯଶୋଦା କହୁଛନ୍ତି, ତୁ ଯଦି ମଥୁରାକୁ ଯିବୁ, ତେବେ କାହା ମୁହଁକୁ ଚାହିଁ ବଞ୍ଚିବି ?
- ଗଣକବି ବୈଷ୍ଣବ ପାଣିଙ୍କ ଏହି କବିତାରେ ମାତୃସ୍ନେହ ଅତି ସୁନ୍ଦର ଭାବେ ପ୍ରସ୍ଫୁଟିତ ହୋଇଛି।

ODM EDUCATIONAL GROUP Changing your Tomorrow

**କଷ୍ଟ ଶବ୍ଦର ଅର୍ଥ:-**

| | | | | | |
|---|---|---|---|---|---|
| ନୀଳମଣି | - | ଶ୍ରୀକୃଷ୍ଣ | ମଧୁପୁର | - | ମଥୁରାପୁର |
| ଅଳି | - | ଗୁହାରି | ମୁରୁଛିବି | - | ପାଶୋରିଦେବା |
| ଚଳି | - | ବିରକ୍ତ | ଗଳାମାଳି | - | ବେକର ହାର |
| ଛନ୍ଦ | - | ଗାଈ ଗୋଡ଼କୁ ବାନ୍ଧିବା ଦଉଡ଼ି | | | |

**ବହି ପ୍ରଶ୍ନଉତ୍ତର:-**

**୧. ଆସ କଥାବାର୍ତ୍ତା ହେବା ।**

କ) ଏହି କବିତାରେ ମାଆ କିଏ ?

ଉ: ଏହି କବିତାରେ ମାଆ ହେଉଛନ୍ତି ଯଶୋଦା ।

ଖ) ସେ କାହାକୁ ଦୁଃଖୀଧନ ବୋଲି ସମ୍ବୋଧନ କରିଛନ୍ତି ?

ଉ: ସେ ଶ୍ରୀକୃଷ୍ଣଙ୍କୁ ଦୁଃଖୀଧନ ବୋଲି ସମ୍ବୋଧନ କରିଛନ୍ତି ।

ଗ) ସେ ପୁଅର କେଉଁସବୁ ସମୟର କଥାକୁ ମନେ ପକାଇଛନ୍ତି ?

ଉ: ସେ ପୁଅର ବାଲ୍ୟସୁଲଭ ଅନେକ ଆଚରଣକୁ ମନେ ପକାଇଛନ୍ତି । ଯେମିତି:- ଗାଈ ଚରାଇଯିବା, କୋଳି କିଣି ଖାଇବା, ଲହୁଣି ଖାଇବା, ଶିକାଛନ୍ଦ ନେଇଯିବା ଇତ୍ୟାଦି ।

ଘ) କବିତାରେ ମଥୁରାପୁରକୁ କ'ଣ ବୋଲି କୁହାଯାଇଛି ?

ଉ: କବିତାରେ ମଥୁରାପୁରକୁ 'ମଧୁପୁର' ବୋଲି କୁହାଯାଇଛି ।

ଙ) ଶ୍ରୀକୃଷ୍ଣ ମଥୁରାପୁରକୁ ଯାଇଥିଲେ କାହିଁକି ?

ଉ: ମାମୁଁଙ୍କ ନିମନ୍ତ୍ରଣ ପାଇ ଧନୁଯାତ୍ରା ଦେଖିବାକୁ ଶ୍ରୀକୃଷ୍ଣ ମଥୁରାପୁରକୁ ଯାଇଥିଲେ ।

**୨. ପଦର ଛାଡ଼ି ଯାଇଥିବା ଅଂଶକୁ ପୂରଣ କରିବା ।**

କ) ଯେବେ ଦହିମୁହାଁ ହୋଇବ

<u>କିଏ ସେ ଲବଣି ଖାଇବ ।</u>

ଖ) <u>ହୋଇଣ ଆନନ୍ଦ ଗାଈ ଦୁହିଁବାକୁ</u>

ଶିକାଛନ୍ଦ ଘେନି କେ ଯିବ ହାତେ ?

ODM EDUCATIONAL GROUP Changing your Tomorrow

ଗ) ଯେବେ ଯିବୁ ମଧୁପୁରକୁ
ଅନାଇବି କାହା ମୁଖକୁ ?

ଘ) କହେ ବଇଷ୍ଣବ ନିଶ୍ଚେ ଜୀବଯିବ
ମୁରୁଛିବି ଗଳାମାଳି କେମନ୍ତେ ?

ଙ) ଦୋଳି କେ ଖେଳିକ କାନି ପଣତେ ?

୩. ତଳେ ଦୁଇଟି କୋଠରିରେ ଦୁଇପ୍ରକାରର ଶବ୍ଦ ଲେଖାଯାଇଛି । ଆସ ମିଳାଇବା, ଦେଖିବା କିଏ କାହା ସହିତ ମିଶୁଛି ।

କଇଁକଇଁ - କାନ୍ଦ ।
ସାଇଁସାଇଁ - ପବନ ।
ଟାଇଁଟାଇଁ - ଖରା ।
ଝାଇଁଝାଇଁ - ମୁଣ୍ଡ ।
ଧଇଁସଇଁ - ଚାଲି ।

୪. ଶ୍ରୀକୃଷ୍ଣଙ୍କ କୋଳି ଖାଇବା ପାଇଁ ମାଆଙ୍କ ପାଖରେ ଅଝଟ କରିବା କଥା କେଉଁ ପଦରେ ଅଛି, ଖୋଜି ଗଦ୍ୟରେ ଲେଖିବା ।

ଉ: ଯେବେ ବିକା ଆସିବ କୋଳି
କାନ୍ଦି କିଏ କରିବ ଅଳି,
ଚଳି ହେଉଥିଲେ ଧୂଳି ବୋଳି ହୋଇ
ଦୋଳି କେ ଖେଳିବ କାନି ପଣତେ ?

କୋଳି ବିକାଳି ଯେତେବେଳେ କୋଳି ବିକିବାକୁ ଆସେ, ଶ୍ରୀକୃଷ୍ଣ କୋଳି ଖାଇବା ପାଇଁ କାନ୍ଦି କାନ୍ଦି ଅଳି କରୁଥିଲେ । ମା' ଯେତେବେଳେ ରାଗନ୍ତି, ସେ ଧୂଳି ବୋଳି ହୋଇ ମା'ଙ୍କ ପଣତ କାନିରେ ଦୋଳି ଖେଳୁଥିଲେ ।

୫. କେଉଁପରି ବା କିପରି ଶବ୍ଦ ପାଇଁ ଆମେ ପଦ୍ୟରେ 'କେମନ୍ତେ' ଶବ୍ଦ ବ୍ୟବହାର କରୁ । ସେପରି ତଳ ଶବ୍ଦ ପାଇଁ କ'ଣ ବ୍ୟବହାର କରିବା, ତାହା କୋଠରିରେ ଲେଖିବା ।

କ) ଏହିପରି - ଏମନ୍ତେ
ଖ) ସେହିପରି - ସେମନ୍ତେ
ଗ) ଯେଉଁପରି - ଯେମନ୍ତେ

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା।

କ) ମାଳି - ମୋର ଗୋଟେ ରୁଦ୍ରାକ୍ଷମାଳି ଅଛି।

ମାଳୀ - ମାଳୀ ବଗିଚାରୁ ଫୁଲ ତୋଳୁଛି।

ଖ) ଗାଇ - ଲୋକଟି ଗୀତଗାଇ ଭିକ ମାଗୁଛି।

ଗାଈ - ଗାଈକୁ ଗୋମାତା କୁହାଯାଏ।

ଗ) ଜୀବ - ପ୍ରତ୍ୟେକ ଜୀବର ଜୀବନ ଥାଏ।

ଯିବ - ହରି କାଲି ପୁରୀ ଯିବ।

୭. 'ପିଲାଟି କାନ୍ଦି ଗଡ଼ିଯାଉଛି।' ଯେପରି 'କାନ୍ଦିବା'ରୁ 'କାନ୍ଦି' ହୋଇଛି, ସେପରି ତଳ ଶବ୍ଦଗୁଡ଼ିକରୁ ଯାହା ହେବ, ତାକୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଲେଖିବା।

କ) ଡାକିବା - (ଡାକି) :- ପିଲାଟି ମା'କୁ ଡାକିଡାକି ଥକିଗଲାଣି।

ଖ) ବସିବା - (ବସି) :- ବସି ଖାଇଲେ ନଈ ବାଲି ସରେ।

ଗ) ଖେଳିବା - (ଖେଳି) :- ଝିଅମାନେ ଦୋଳି ଖେଳି ମଜା ନେଉଛନ୍ତି।

ଘ) ଖାଇବା - (ଖାଇ) :- ମୁଁ ଭାତ ଖାଇ ସ୍କୁଲ ଯାଏ।

ଙ) ଅନେଇବା- (ଅନାଇ):- ପିଲାମାନେ କଳାପଟାକୁ ଅନାଇ ଲେଖୁଛନ୍ତି।

୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା।

କ) ଶ୍ରୀକୃଷ୍ଣ କାହିଁକି କାନ୍ଦୁଥିଲେ ?

ଉ: ଶ୍ରୀକୃଷ୍ଣ କୋଳି ଖାଇବା ପାଇଁ କାନ୍ଦୁଥିଲେ। କେହି ତାଙ୍କ ସହ କଳି କଲେ ମଧ୍ୟ କାନ୍ଦି ପକାଉଥିଲେ।

ଖ) ଶ୍ରୀକୃଷ୍ଣଙ୍କ କେଉଁ କେଉଁ କାମକୁ ମାଆ ମନେ ପକାଉଥିଲେ ?

ଉ: ଶ୍ରୀକୃଷ୍ଣ ଗାଈଗୋଠ ଘେନି ଘରକୁ ଫେରିବା, କୋଳି ଖାଇବାକୁ ଅଳି କରିବା, ଲବଣି ଖାଇବା ପାଇଁ ଶିକାଛନ୍ଦ ନେଇଯିବା, କେହି କଳି କଲେ କଇଁ କଇଁ କାନ୍ଦିବା ଆଦି କାମକୁ ମା' ମନେ ପକାଉଥିଲେ।

ଗ) ଗାଈ ଦୁହିଁଲା ବେଳେ ମାଆ ସବୁ କ'ଣ ବ୍ୟବହାର କରନ୍ତି ?

ଉ: ଗାଈ ଦୁହିଁଲା ବେଳେ ମାଆ ଶିକା ଓ ଛନ୍ଦ ବ୍ୟବହାରକରନ୍ତି।

୯. ତଳ ଉତ୍ତରଗୁଡ଼ିକୁ ପାଇବା ପାଇଁ ପ୍ରଶ୍ନ ତିଆରି କରି ଲେଖିବା।

କ) ଗୋରୁ ଘେନି ଫେରିବା ବେଳକୁ ମାଆ ବାଟ ଚାହିଁ ବସି ରହୁଥିଲେ।

ଉ: ଗୋରୁ ଘେନି ଫେରିବା ବେଳକୁ କିଏ ବାଟ ଚାହିଁ ବସି ରହୁଥିଲେ ?

ଖ) ଶ୍ରୀକୃଷ୍ଣ ଧୂଳିଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ?

ଉ: କିଏ ଧୂଳିଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ?

ଗ) ଶ୍ରୀକୃଷ୍ଣ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ।

ଉ: କିଏ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ?

ଘ) ଦହିମୁହାଁ ହେଲେ ସେଥିରୁ ଲହୁଣି ବାହାରେ ।

ଉ: ଦହିମୁହାଁ ହେଲେ ସେଥିରୁ କ’ଣ ବାହାରେ ?

◆ ◆ ◆

ODM EDUCATIONAL GROUP
Changing your Tomorrow